ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ

ବନାମ

ସିୟା ରାମ ଏବଂ ଅନ୍ୟଜଣେ

ଅଗଷ୍ଟ 5, 2004

[ଅରିଜିତ ପଶାୟତ ଏବଂ ସି. କେ. ଥାକର, ନ୍ୟାୟମୂର୍ତ୍ତି]

*ସେବା ଆଇନ:*

*ପ୍ରଶାସନିକ କାରଣରୁ କର୍ମଚାରୀଙ୍କ ବଦଳି- କୁ ଆପତ୍ତି- ଉଚ୍ଚ ନ୍ୟାୟାଳୟ ଦ୍ୱାରା ଅନୁମୋଦିତ- ଆବେଦନ ଉପରେ କୁହାଗଲା: ବଦଳିଯୋଗ୍ୟ ପଦବୀରେ ନିଯୁକ୍ତ ଜଣେ କର୍ମଚାରୀଙ୍କ ବଦଳି ଜନହିତ ତଥା ସରକାରୀ ପ୍ରଶାସନିକ ଦକ୍ଷତା ପାଇଁ ଆବଶ୍ୟକ ସେବାର ଏକ ସର୍ତ୍ତ ଅଟେ- କର୍ମଚାରୀ ତାଙ୍କ ପସନ୍ଦର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିଯୁକ୍ତି ପାଇବାର କୌଣସି ଆଇନଗତ ଅଧିକାର ବିଷୟ ରୂପେ ଦାବି କରିପାରିବେ ନାହିଁ- ବିଚାରାଧୀନ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଫଳାଫଳ ସହ ବଦଳିକୁ ସମ୍ପୃକ୍ତ କରିବା ପାଇଁ କୌଣସି ତଥ୍ୟ ଉପଲବ୍ଧ ନାହିଁ - ବଦଳି ଆଦେଶ ପଛରେ କୌଣସି ପ୍ରକାର ମନ୍ଦ ଉଦ୍ଦେଶ୍ୟକୁ ଦାୟୀ କରାଯାଇପାରିବ ନାହିଁ- ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅରକ୍ଷଣୀୟ ।*

ଉତ୍ତରଦାତା-କର୍ମଚାରୀଙ୍କୁ ପ୍ରଶାସନିକ କାରଣରୁ ନିଯୁକ୍ତିଦାତା-ରାଜ୍ୟ ସରକାର ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଥିଲା । ପ୍ରତିବାଦୀ ଏହି ଆଦେଶକୁ ଆପତ୍ତି କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ରଦ୍ଦ କରିଦେଇଥିଲେ ଯେ ଏହା ଦଣ୍ଡାତ୍ମକ ପ୍ରକୃତିର ଏବଂ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିର୍ଣ୍ଣୟକୁ ଅପେକ୍ଷା ନ କରି ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ କରାଯାଇଥିଲା । ତେଣୁକରି ବର୍ତ୍ତମାନର ଆବେଦନଟି ।

ଆବେଦନକୁ ମଞ୍ଜୁରୀ ଦେଇ, ନ୍ୟାୟାଳୟ

କହିଲେ: 1.1. କୌଣସି ସରକାରୀ କର୍ମଚାରୀ କିମ୍ବା କୌଣସି ସରକାରୀ କାର୍ଯ୍ୟରେ ଭାରପ୍ରାପ୍ତ କର୍ମଚାରୀଙ୍କ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ନିଜ ପସନ୍ଦର ସ୍ଥାନରେ ସବୁଦିନ ପାଇଁ ନିଯୁକ୍ତି ପାଇବାର କୌଣସି ଆଇନଗତ ଅଧିକାର ନାହିଁ, କାରଣ ବଦଳିଯୋଗ୍ୟ ପଦବୀଗୁଡ଼ିକର ଶ୍ରେଣୀ କିମ୍ବା ବର୍ଗରେ ନିଯୁକ୍ତ ଜଣେ କର୍ମଚାରୀଙ୍କ ବଦଳି କେବଳ ଏକ ଘଟଣା ନୁହେଁ, ବରଂ ଏକ ସେବା ସର୍ତ୍ତ ଅଟେ, ଯାହା ଜନହିତ ଏବଂ ସରକାରୀ ପ୍ରଶାସନିକ ଦକ୍ଷତା ପାଇଁ ମଧ୍ୟ ଆବଶ୍ୟକ । ଯେ ପର୍ଯ୍ୟନ୍ତ କୌଣସି ବଦଳି ଆଦେଶ *ମନ୍ଦ ଉଦ୍ଦେଶ୍ୟମୂଳକ* କାର୍ଯ୍ୟର ପରିଣାମ ବୋଲି ଦର୍ଶାଯାଇନାହିଁ କିମ୍ବା ଏପରି କୌଣସି ବଦଳିକୁ ନିଷିଦ୍ଧ କରୁଥିବା ବୈଧାନିକ ବ୍ୟବସ୍ଥାର ଲଙ୍ଘନ ବୋଲି କୁହାଯାଇନାହିଁ, ସେତେ ପର୍ଯ୍ୟନ୍ତ ନ୍ୟାୟାଳୟଗୁଡ଼ିକ କିମ୍ବା ନ୍ୟାୟାଧିକରଣଗୁଡ଼ିକ ସାଧାରଣତଃ ନିୟମିତ ବିଷୟ ଭାବରେ ଏହିପରି ଆଦେଶରେ ହସ୍ତକ୍ଷେପ କରିପାରିବେ ନାହିଁ, ଯେପରିକି ସେମାନେ ଆବେଦନ କର୍ତ୍ତୃପକ୍ଷ ଥିଲେ, ସମ୍ପୃକ୍ତ ସେବାର ପ୍ରଶାସନିକ ଆବଶ୍ୟକତା ସପକ୍ଷରେ ପାରିତ ହୋଇଥିବା ଆଦେଶ ବିରୁଦ୍ଧରେ, ନିଯୁକ୍ତିଦାତା/ପରିଚାଳନାବର୍ଗଙ୍କର ନିର୍ଣ୍ଣୟ ବଦଳାଇ ସେ ସ୍ଥାନରେ ନିଜ ନିର୍ଣ୍ଣୟ ନେଇଥିଲେ ।

*ନ୍ୟାସନାଲ ହାଇଡ୍ରୋଇଲେକ୍ଟ୍ରିକ ପାୱାର ନିଗମ ଲିମିଟେଡ଼* ବନାମ *ଶ୍ରୀ ଭଗବାନ ଏବଂ ଅନ୍ୟଜଣେ,* **[2001] 8 ଏସସିସି 574** *ଏବଂ ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଜନାର୍ଦ୍ଦନ ଦେବନାଥ ଏବଂ ଅନ୍ୟଜଣେ,* **[2004] 4 ଏସସିସି 243 ଉପରେ ନିର୍ଭର କରାଯାଇଛି ।**

**1.2. ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ କାର୍ଯ୍ୟ କରିଥିଲେ ଯେପରିକି ବଦଳି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଜଡିତ ଥିଲା । ନିଷ୍କର୍ଷରେ ପହଞ୍ଚିବା ପାଇଁ ଟିକେ ବି ତଥ୍ୟ ନଥିଲା । ଏହି ଆଦେଶ କେବଳ ପ୍ରଶାସନିକ ଆଧାରରେ ଏବଂ ଜନହିତରେ ଥିବାରୁ କୌଣସି *ମନ୍ଦ ଉଦ୍ଦେଶ୍ୟକୁ* ଦାୟୀ କରାଯାଇପାରିବ ନାହିଁ । ଆଇନରେ ସ୍ଥାପିତ ସ୍ଥିତିର ଦୃଷ୍ଟିରେ ଉଚ୍ଚ ନ୍ୟାୟାଳୟର ରାୟ ଅରକ୍ଷଣୀୟ ଏବଂ ଏହାକୁ ରଦ୍ଦ କରାଯାଉଛି ।**

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5005/2004

ରିଟ୍ ଆବେଦନ ସଂଖ୍ୟା 1557/2002 (ଏସବି) ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ତା 5.11.2003 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ରବି ପ୍ରକାଶ ମେହରୋତ୍ରା ଏବଂ ଗର୍ବେଶ କାବରା ।

ଉତ୍ତରଦାତାମାନଙ୍କ ପକ୍ଷରୁ ରାଜେଶ କୁମାର ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି : ଅନୁମତି ପ୍ରଦାନ କରାଗଲା ।

ଯେତେବେଳେ ପ୍ରତିବାଦୀ ସଂଖ୍ୟା 1, ୟୁପି ସରକାରଙ୍କ ଜଳସେଚନ ବିଭାଗ-1 ରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଯାନ୍ତ୍ରିକ) ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କୁ ନଳକୂଅ ବିଭାଗ-1, ଗାଜିପୁରରୁ ନଳକୂଅ ପୂର୍ବ, ଫୈଜାବାଦର ଯୁଗ୍ମ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା । ତା 23.10.2002 ରିଖର ବଦଳି ଆଦେଶ ଦର୍ଶାଏ ଯେ ବଦଳି ପ୍ରଶାସନିକ ଆଧାରରେ ହୋଇଥିଲା ।

ଉତ୍ତର ପ୍ରଦେଶ ରାଜ୍ୟର ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ପ୍ରତିବାଦୀ ସଂଖ୍ୟା 1 ର ବଦଳି ଆଦେଶକୁ ରଦ୍ଦ କରିଦିଆଯାଇଛି । ପ୍ରତିବାଦୀ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ବଦଳି ଆଦେଶକୁ ନେଇ ଏକ ରିଟ ଆବେଦନ ଦାଖଲ କରିଥିଲେ । ରିଟ ଆବେଦନରେ ନିଆଯାଇଥିବା ପ୍ରାଥମିକ ଆଭିମୁଖ୍ୟ ଥିଲା ଯେ ବଦଳି ଆଦେଶ ବିଧାନର ଏକ ପଦକ୍ଷେପ ଥିଲା । ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ ଏକ ତଦନ୍ତ ଆରମ୍ଭ କରାଯାଇଥିଲା । ତାଙ୍କୁ ଶୁଣାଣୀର ସୁଯୋଗ ନଦେଇ, ଦଣ୍ଡର ଏକ ପଦକ୍ଷେପ ଭାବରେ ବଦଳି କରାଯାଇଥିଲା । କରାଯାଇଥିବା ତଦନ୍ତ ଅନୁଯାୟୀ ପ୍ରତିବାଦୀ ସଂଖ୍ୟା 1 ଙ୍କ ବିରୋଧରେ ନିଆଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଅନୁମୋଦନ ପାଇଁ ଉତ୍ତର ପ୍ରଦେଶ ଲୋକସେବା ଆୟୋଗକୁ ପଠାଯାଇଥିଲା । କିନ୍ତୁ ଏହାକୁ ମଞ୍ଜୁରୀ ମିଳିନଥିଲା । ବର୍ତ୍ତମାନର ଆବେଦନକାରୀ-ରାଜ୍ୟ ଏହି ଆଭିମୁଖ୍ୟ ଗ୍ରହଣ କରି ଏକ ପ୍ରତିଆରୋପ ଶପଥପତ୍ର ଦାଖଲ କରିଥିଲେ ଯେ ରିଟ

ଆବେଦନକାରୀଙ୍କ ବଦଳି ପ୍ରଶାସନିକ କାରଣରୁ ଥିଲା ଏବଂ କେବଳ ରିଟ୍ ଆବେଦନକାରୀଙ୍କୁ ଏକ ଅଣ-କାର୍ଯ୍ୟକ୍ଷମ ପଦବୀକୁ ବଦଳି କରାଯାଇଥିଲା ଯାହା ବଦଳି ଆଦେଶକୁ କୌଣସି ପ୍ରକାରେ ବ୍ୟର୍ଥ କରୁନଥିଲା ।

ବଦଳି ଆଦେଶ ଦଣ୍ଡାତ୍ମକ ପ୍ରକୃତିର ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିର୍ଣ୍ଣୟକୁ ଅପେକ୍ଷା ନ କରି ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ହୋଇଛି ବୋଲି ଦର୍ଶାଇ ତା 5.11.2003 ରିଖର ଆକ୍ଷେପିତ ରାୟ ଦ୍ୱାରା ରିଟ ଆବେଦନକୁ ଅନୁମତି ଦିଆଯାଇଥିଲା ।

ଉଚ୍ଚ ନ୍ୟାୟାଳୟ ଭାରତୀୟ ସମ୍ବିଧାନ, 1950 (ସଂକ୍ଷେପରେ 'ସମ୍ବିଧାନ') ର ଅନୁଚ୍ଛେଦ 226 ଏବଂ 227 ଅଧୀନରେ କ୍ଷେତ୍ରାଧିକାର ପ୍ରୟୋଗ କରୁଥିବାବେଳେ ଏହି ବଦଳି ସରକାରୀ ସେବାର ହିତରେ ଥିଲା କି ବୋଲି ପ୍ରଶ୍ନର ବିଚାରକୁ ଯାଇଥିଲେ । ଏଥିପାଇଁ ବାସ୍ତବିକ ନ୍ୟାୟ ବିଚାର ଆବଶ୍ୟକ ହେବ ଏବଂ ଏହା ସର୍ବଦା ସମ୍ପୃକ୍ତ ମାମଲାର ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରିବ । କୌଣସି ସରକାର କର୍ମଚାରୀ କିମ୍ବା କୌଣସି ସରକାରୀ କାର୍ଯ୍ୟରେ ଭାରପ୍ରାପ୍ତ କର୍ମଚାରୀଙ୍କ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କିମ୍ବା ନିଜ ପସନ୍ଦର ସ୍ଥାନରେ ସବୁଦିନ ପାଇଁ ନିଯୁକ୍ତି ପାଇବାର କୌଣସି ଆଇନଗତ ଅଧିକାର ନାହିଁ, କାରଣ ବଦଳିଯୋଗ୍ୟ ପଦବୀର ଶ୍ରେଣୀ କିମ୍ବା ବର୍ଗରେ ନିଯୁକ୍ତ ହୋଇଥିବା ଜଣେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ବଦଳି କେବଳ ଏକ ଘଟଣା ନୁହେଁ, ବରଂ ଏକ ସେବା ସର୍ତ୍ତ, ଯାହା ଜନହିତ ଏବଂ ସରକାରୀ ପ୍ରଶାସନିକ ଦକ୍ଷତା ପାଇଁ ମଧ୍ୟ ଆବଶ୍ୟକ । ଯଦି କୌଣସି ବଦଳି ଆଦେଶ *ମନ୍ଦ ଉଦ୍ଦେଶ୍ୟମୂଳକ* କାର୍ଯ୍ୟର ପରିଣାମ ବୋଲି ଦର୍ଶାଯାଏ ନାହିଁ କିମ୍ବା ଏପରି କୌଣସି ବଦଳିକୁ ନିଷିଦ୍ଧ କରୁଥିବା ବୈଧାନିକ ବ୍ୟବସ୍ଥାର ଲଙ୍ଘନ ବୋଲି କୁହାଯାଇନାହିଁ, ତେବେ ନ୍ୟାୟାଳୟଗୁଡ଼ିକ କିମ୍ବା ନ୍ୟାୟାଧିକରଣଗୁଡ଼ିକ ସାଧାରଣତଃ ନିୟମିତ ବିଷୟ ଭାବରେ ଏହିପରି ଆଦେଶରେ ହସ୍ତକ୍ଷେପ କରିପାରିବେ ନାହିଁ, ଯେପରିକି ସେମାନେ ଆବେଦନ କର୍ତ୍ତୃପକ୍ଷ ଥିଲେ, ସମ୍ପୃକ୍ତ ସେବାର ପ୍ରଶାସନିକ ଆବଶ୍ୟକତା ସପକ୍ଷରେ ପାରିତ ହୋଇଥିବା ଆଦେଶ ବିରୁଦ୍ଧରେ, ନିଯୁକ୍ତିଦାତା/ପରିଚାଳନାବର୍ଗଙ୍କର ନିର୍ଣ୍ଣୟ ବଦଳାଇ ସେ ସ୍ଥାନରେ ନିଜ ନିର୍ଣ୍ଣୟ ନେଇଥିଲେ । *ନ୍ୟାସନାଲ ହାଇଡ୍ରୋଇଲେକ୍ଟ୍ରିକ ପାୱାର ନିଗମ ଲିମିଟେଡ୍* ବନାମ *ଶ୍ରୀ ଭଗବାନ ଏବଂ ଅନ୍ୟଜଣେ,* [2001] 8 ଏସସିସି 574 ମାମଲାରେ ଏହି ନ୍ୟାୟାଳୟ ଏହି ସ୍ଥିତି ଉପରେ ଆଲୋକପାତ କରିଥିଲେ ।

ଉପରୋକ୍ତ ସ୍ଥିତି ନିକଟରେ *ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଜନାର୍ଦ୍ଦନ ଦେବନାଥ ଏବଂ ଅନ୍ୟଜଣେ,* [2004] 4 ଏସ.ସି.ସି. 243 ରେ ଆଲୋକପାତ କରାଯାଇଥିଲା । ଏହା ଧ୍ୟାନ ଦେବାକୁ ହେବ ଯେ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ କାର୍ଯ୍ୟ କରିଥିଲେ ଯେପରିକି ବଦଳ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ସମ୍ପୃକ୍ତ ଥିଲା । ନିଷ୍କର୍ଷରେ ପହଞ୍ଚିବା ପାଇଁ ଟିକେ ବି ତଥ୍ୟ ନଥିଲା । ଏହି ଆଦେଶ କେବଳ ପ୍ରଶାସନିକ ଭିତ୍ତିରେ ଏବଂ ଜନହିତରେ ଥିବାରୁ କୌଣସି *ମନ୍ଦ ଉଦ୍ଦେଶ୍ୟକୁ* ଦାୟୀ କରାଯାଇପାରିବ ନାହିଁ ।

ଆଇନରେ ସ୍ଥାପିତ ସ୍ଥିତି ଦୃଷ୍ଟିରେ ଉଚ୍ଚ ନ୍ୟାୟାଳୟର ରାୟ ଅରକ୍ଷଣୀୟ ଏବଂ ଏହାକୁ ଖାରଜ କରାଯାଉଛି ।

ପ୍ରତିବାଦୀ ସଂଖ୍ୟା 1 ପକ୍ଷର ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ପ୍ରତିବାଦୀ ଏକ ନିବେଦନପତ୍ର ଦାଖଲ କରିବେ ଯାହା ବଦଳି କାରଣରୁ ସମ୍ଭାବ୍ୟ ଥିବା ବା ସୃଷ୍ଟ ହୋଇଥିବା ବିଭିନ୍ନ ଅସୁବିଧା ଉପରେ ଏବଂ ଏହାର ଅନାବଶ୍ୟକତା ଉପରେ ଆଲୋକପାତ କରିବ । ଯଦି ଏପରି ନିବେଦନପତ୍ର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ କରାଯାଏ, ତେବେ ଏହା କହିବା ବାହୁଲ୍ୟ ଯେ ଏହାକୁ ଏହାର ଉପଯୁକ୍ତ ଦୃଷ୍ଟିକୋଣରୁ ଏବଂ ଆଇନାନୁଯାୟୀ ବିଚାର କରାଯିବ । ଏହି ପ୍ରସଙ୍ଗରେ ଆମ୍ଭେ କୌଣସି ମତାମତ ପ୍ରକାଶ କରୁନାହୁଁ । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ବିନା ଦର୍ଶାଯାଇଥିବା ସୀମା ପର୍ଯ୍ୟନ୍ତ ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

ଏସ.କେ.ଏସ.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**